# ମାଧ୍ୟମ

## ମହିଳା ସହଯୋଗ କେନ୍ଦ୍ର- ଅପ୍‌ଡେଟ୍

Institute for Social Development

3rd Year | Vol. IV | September 2014 - August 2017





**Y. B. Khurania, IPS**
Commissioner of Police
Bhubaneswar-Cuttack

Tel. Off : 0674-2530035
Fax : 0674-2530001
E-mail : commissioneratepolice@nic.in


## MESSAGE

It is matter of great pleasure to write a few words about Maadhyam Women support centre which is presently institutionalized in commissionerate police, Bhubaneswar-Cuttack. The concept of Maadhyam women support centre was introduced in September 2014 as a flagship endeavour of commissionerate Police. The Maadhyam women support centre aims to serve those women who are subjected to various kinds of violence. It was thought necessary to provide different support to women when they approach police seeking redressal of their grievances. This support include legal aid, medical assistance, counseling and the provision of shelter. Accordingly, these services are being delivered by Maadhyam women support centre in Bhubaneswar and Cuttack under Commissionerate Police.

I am glad that with a pertnership the Commissionerate Police and the Institute for Social Development (ISD) the Maadhyam women support centre is running successfully. Annually approximately 500-600 cases are being registered in Maadhyam women support centres and counseling and other support services are being rendered.

Maadhyam is a unique example of partnership between Commissionerate Police and civil society organization for a very important cause of the society. While ISD voluntarily renders support without any financial support, the Commissionerate Police extends support in the form of space and other logistics. Needless to say that as a result of this profound collaboration the suffering of women could be substantially addressed and women are getting a new lease of life. This venture deserves wide recognition both from Government and society. For that purpose there is latent need to disseminate the learnings and success stories. I am privileged to know that the ISD is bringing out a Newsletter to reach out to wider audiences with success stories and its good practices. I convey my sincere greetings to Maadhyam women support centre and ISD on this occasion.

I hope the purpose for which this newsletter is being published shall be accomplished.

**(Yogesh Bahadur Khurania)**
Commissioner of Police
Bhubaneswar-Cuttack



# ସଂପାଦକୀୟ...



“ମାଧମ”-ମହିଳା ସହଯୋଗ କେନ୍ଦ୍ର , ବର୍ତ୍ତମାନ ଦ୍ୱୈତ ନଗରୀରେ ପରିଚିତ ନାମ । ପରିବାର ଭିତରେ ସୃଷ୍ଟି ହେଉଥିବା ବିବାଦ, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର  ମନାନ୍ତର / ତଥା ନିର୍ଯାତନା, କାର୍ଯ୍ୟରତ ମହିଳାମାନେ ସମ୍ମୁଖୀନ ହେଉଥିବା ଯୌନ ଉତ୍ପିଡନ, ରାସ୍ତାରେ ଯାଉଥିବା ସମୟରେ ଅସଦାଚରଣର ଶିକାର, କଲେଜ ବା ସ୍କୁଲରେ ଯୌନ ଅଶ୍ଳିଳତାର ଶିକାର ବାଳିକା ମାନଙ୍କର ସମସ୍ୟାକୁ ସମାଧାନ କରିବା ପାଇଁ ମାଧ୍ୟମ ହେଉଛି ସର୍ବୋତ୍ତମ ଏବଂ ସର୍ବୋତ୍କୃଷ୍ଟ ସ୍ଥାନ । ବିନା ଭୟରେ ବା ସଙ୍କୋଚରେ ଜଣେ ମହିଳା ହେଉ ବା ଅବିବାହିତା ଝିଅଟିଏ ମାଧ୍ୟମରେ ପହଞ୍ଚି ନିଜର ସମସ୍ୟା ଉପସ୍ଥାପିତ କରିପାରିଛନ୍ତି । ଫଳସ୍ୱରୂପ ମାଧ୍ୟମ ବର୍ତ୍ତମାନ ଅପରିଚିତ ଲୋକଙ୍କର ପରିଚିତ ହୋଇପାରିଛି । ଦ୍ୱୈତନଗରୀରେ କ୍ରମବର୍ଦ୍ଧିଷ୍ଣୁ ହିଂସାରୁ ମହିଳାମାନଙ୍କୁ କିପରି ସୁରକ୍ଷା ଦିଆଯାଇପାରିବ ଓ ଭାଙ୍ଗିଯାଉଥିବା ସଂସାରକୁ ପରାମର୍ଶ ମାଧ୍ୟମରେ ଯୋଡିବା ପାଇଁ ମାଧ୍ୟମର ସୃଷ୍ଟି । ଯାହା ଆଜି ତିନିବର୍ଷ ପୁରି ୪ ବର୍ଷରେ ପଦାର୍ପଣ କରିଛି । ଆପଣମାନଙ୍କର ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସ ପାଇଁ ମାଧ୍ୟମ-ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଁଞ୍ଚିପାରିଛି ।

ପୋଲିସ କମିଶନରେଟ ଏବଂ ଇନଷ୍ଟିଚ୍ୟୁଟ୍ ପର୍ ସୋସିଆଲ୍ ଡେଭେଲପମେଣ୍ଟ(ଆଇ.ଏସ୍.ଡି)ର ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା “ମାଧମ” ମହିଳା ସହଯୋଗ କେନ୍ଦ୍ର, ଭୁବନେଶ୍ୱରର ଡି.ସି.ପି କାର୍ଯ୍ୟାଳୟ ଏବଂ କଟକ ମହିଳା ଥାନାରେ କାର୍ଯ୍ୟରତ । ମାଧ୍ୟମ ୨୦୧୪ ସେପ୍ଟେମ୍ବର-୩ ତାରିଖରେ ଆରମ୍ଭ କରାଯାଇଥିଲା । ଏହି ତିନିବର୍ଷ ମଧ୍ୟରେ ମହିଳାମାନେ କେବଳ ଯେ ଦ୍ୱୈତ ନଗରୀରୁ ଆମ ପାଖକୁ ପରାମର୍ଶ ପାଇଁ ଆସିଛନ୍ତି ତା ନୁହେଁ ବରଂ ଅନ୍ୟାନ୍ୟ ଜିଲ୍ଲାରୁ ମଧ୍ୟ ସହାୟତା ପାଇବା ପାଇଁ ଯୋଗାଯୋଗ କରିଛନ୍ତି । ଏପରିକି ଇ-ମେଲ  ମେସେଞ୍ଜର ଓ ହ୍ୱାଟସ୍ ଆପ ମାଧ୍ୟମରେ ମଧ ଦେଶ ବିଦେଶରୁ ସହଯୋଗ  ଆଶା କରିଛନ୍ତି ।ଏଥିମଧରୁ ଅନେକଙ୍କୁ ସେମାନଙ୍କ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉପଦେଶ ଦିଆଯାଇଛି ତ ଅନ୍ୟ କେତେକ କ୍ଷେତ୍ରରେ ପୋଲିସର ସହାୟତା ପାଇଁ ଯୋଗାଯୋଗ କରାଯାଇ କାର୍ଯାନୁଷ୍ଠାନ ଗ୍ରହଣ କରାଯାଇଛି ।

“ମାଧମ” କାର୍ଯ୍ୟ କେବଳ କାର୍ଯ୍ୟାଳୟ ମଧରେ ସୀମିତ ନୁହେଁ । କଟକ ଓ ଭୁବନେଶ୍ୱର ବସ୍ତି ଅଞ୍ଚଳରେ ସ୍ଥାନୀୟ ପୋଲିସ ସହାୟତାରେ ଜନସାଧାରଣ ଓ ପୋଲିସ ମଧ୍ୟରେ ଏକ ପ୍ରଶ୍ନୋତ୍ତରଭିତ୍ତିକ କାର୍ଯ୍ୟକ୍ରମ ମାଧମରେ ଲୋକଙ୍କ ପାଖରେ ପହଁଞ୍ଚିବା ପାଇଁ ଚେଷ୍ଟା କରାଯାଉଛି । ଫଳସ୍ୱରୂପ  “ମାଧମ” ବିଷୟରେ ସଚେତନତା ସୃଷ୍ଟି କରିବା ସହ  ମହିଳା ମାନଙ୍କର ବିଭିନ୍ନ ସମସ୍ୟାକୁ ପୋଲିସର ଦୃଷ୍ଟିଗୋଚର କରାଯାଇପାରିଛି ।

ଆଶା ଆଗାମୀ ଦିନମାନଙ୍କରେ ଆପଣଙ୍କର ଭରସା ଅତୁଟ ରହିବା ସହିତ ଆମ ସହିତ ଆପଣମାନଙ୍କର ସହଯୋଗ ଏବଂ ଶୁଭକାମନା ଆଶା କରୁଛୁ । ତିନିବର୍ଷ ମଧରେ ୧୨୬୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା, ତନ୍ମଧରୁ ୭୮୯ଟି ଅଭିଯୋଗର ସମାଧାନ କରାଯାଇପାରିଛି । ଏ ସବୁର ଶ୍ରେୟ ପାଇଁ ସର୍ବପ୍ରଥମେ ପୋଲିସ ପ୍ରଶାସନକୁ ତତ୍‌ସହିତ ଅକ୍ସଫାମ୍ ଇଣ୍ଡିଆ, ଗଣମାଧମ, ବ୍ୟକ୍ତିବିଶେଷ ଏବଂ ସାମାଜିକ ଅନୁଷ୍ଠାନମାନଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଜ୍ଞାପନ କରୁଛି ।

**ଶୁଭଶ୍ରୀ ଦାସ**
**ନିର୍ଦ୍ଦେଶିକା, ଆଇ.ଏସ୍.ଡି**

## ମହିଳା ସହଯୋଗ କେନ୍ଦ୍ର ମାଧମ ବିଷୟରେ କିଛି......

**ଇନଷ୍ଟିଚ୍ୟୁଟ୍ ଫର ସୋସିଆଲ ଡେଭଲପ୍‌ମେଣ୍ଟ( ଆଇ.ଏସ୍.ଡି)** ଏକ ରାଜ୍ୟସ୍ତରୀୟ ମହିଳା ଅନୁଷ୍ଠାନ ଭାବେ ମହିଳାମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଦୀର୍ଘବର୍ଷ ଧରି କାର୍ଯ୍ୟକରିଆସୁଅଛି । ମହିଳାମାନଙ୍କ ସମସ୍ୟା ପାଇଁ କାମ କରିବା ସମୟରେ ସେମାନଙ୍କ ଉପରେ ହେଉଥିବା ହିଂସା ଓ ଅତ୍ୟାଚାର, ବିଶେଷ କରି ଘରୋଇ ହିଂସାର ଶିକାର ହୋଇଥିବା ଅନେକ ମହିଳାଙ୍କ ଘଟଣା ସମ୍ବନ୍ଧରେ ଦୃଷ୍ଟିଗୋଚରକୁ ଆସିଛି । ଅନେକ କ୍ଷେତ୍ରରେ ମହିଳାମାନେ ଏସବୁ ଘଟଣାକୁ ନିଜ ଭିତରେ ଲୁଚାଇ ରଖିଥାନ୍ତି । ଯେଉଁ କିଛି ଘଟଣା ବାହାରକୁ ଆସିଛି, ସେ ସବୁରେ କିଛି ଫଳ ମିଳିନାହିଁ । ଅନ୍ୟ ପକ୍ଷରେ ଅନେକ ପାରିବାରିକ ଘଟଣା ସମ୍ବନ୍ଧୀୟ ଅଭିଯୋଗ ଥାନାକୁ ଆସୁଥିଲେ ମଧ୍ୟ, ପୋଲିସ ଅଫିସରମାନଙ୍କ ବ୍ୟସ୍ତ ବହୁଳ କାର୍ଯ୍ୟକ୍ରମରେ ସେମାନେ ଯଥେଷ୍ଟ ସମୟ ଦେଇ ଅଭିଯୋଗର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିବା ସମ୍ଭବପର ହୋଇନଥାଏ । ଯଦ୍ୱାରା ଅନେକ ଛୋଟଛୋଟ ପାରିବାରିକ ଘଟଣା ଯାହା ସମାଧାନ ହୋଇଯିବା କଥା, ନହୋଇ ବରଂ ଜଟିଳ ହୋଇଯାଏ । ଏସବୁକୁ ଆଖି ଆଗରେ ରଖି ଆଇ.ଏସ୍.ଡି. ତରଫରୁ ନିର୍ଯ୍ୟାତନାରେ ପୀଡିତାମହିଳାମାନଙ୍କୁ ପରାମର୍ଶ, ସହାୟତା ଓ ଆପୋଷ ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ କରିବା ପାଇଁ କମିଶନରେଟ ପୋଲିସ ଭୁବନେଶ୍ୱର-କଟକଙ୍କ ମିଳିତ ସହଯୋଗରେ ଆରମ୍ଭ କରାଯାଇଛି **''ମାଧମ'' ମହିଳା ସହଯୋଗ କେନ୍ଦ୍ର** । ଅକ୍ସଫାମ୍ ଇଣ୍ଡିଆର ସହଯୋଗରେ ଏହି କେନ୍ଦ୍ର ଭୁବନେଶ୍ୱର ସ୍ଥିତ ଡି.ସି.ପି କାର୍ଯ୍ୟାଳୟ ବାଣୀବିହାର ଛକ ଓ ମହିଳାଥାନା ପରିସର କଟକ ଠାରେ ୨୦୧୪ ସେପ୍ଟେମ୍ବର ମାସ ୩ ତାରିଖ ଠାରୁ କାର୍ଯ୍ୟକାରୀ ହୋଇଆସୁଅଛି । ପୂର୍ବତନ ପୋଲିସ ଡି.ଜି ଶ୍ରୀଯୁକ୍ତ ସଞ୍ଜିବ ମାରିକ, ପୂର୍ବତନ ପୋଲିସ କମିଶନର ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦ ଶର୍ମା, ଶ୍ରୀଯୁକ୍ତ ଶ୍ୱାସତ ମିଶ୍ର, ପୂର୍ବତନ ସଚିବ ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଉପସ୍ଥିତିରେ ଏହି କେନ୍ଦ୍ରର ଉଦଘାଟନ ହୋଇଥିଲା । ପୋଲିସ ପ୍ରଶାସନ ଓ ବେସରକାରୀ ଅନୁଷ୍ଠାନର ମିଳିତ ଉଦ୍ୟମରେ ଆରମ୍ଭ କରାଯାଇଥିବା ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଲା-

### ପରାମର୍ଶ( Counseling)

ପରିବାର ତଥା ବାହାରେ ବିଭିନ୍ନ ପ୍ରକାର ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ସାମାଜିକ ତଥା ମନସ୍ତାତ୍ତ୍ୱିକ ପରାମର୍ଶ ଦେଇ ସମସ୍ୟାର ସମାଧାନ କରାଇବା ।

### ଅନୁଷ୍ଠାନଭିତ୍ତିକ ସହାୟତା ସେବା( Institutional Support Services)

ମାଧମ କୁ ଆସୁଥିବା ଅନେକ ମହିଳା ନିଜର ଅଭିଯୋଗର ସମାଧାନ ହେବା ସଙ୍ଗେ ସେମାନେ କିଭଳିଭାବେ ଆର୍ଥିକ ସ୍ୱାବଲମ୍ବି ହୋଇପାରିବେ ସେଥିପାଇଁ ଆବେଦନ କରିଥାନ୍ତି । ଏସବୁକୁ ଆଖି ଆଗରେ ରଖି ମହିଳା ସହଯୋଗ କେନ୍ଦ୍ର ତରଫରୁ ସିଧାସଳଖ ନହେଲେ ମଧ୍ୟ ଉକ୍ତ ବିଷୟରେ କାର୍ଯ୍ୟରତ ବିଭିନ୍ନ ଅନୁଷ୍ଠାନ ସଙ୍ଗେ ଯୋଗାଯୋଗ କରାଇ ଦିଆଯାଇଥାଏ ।

### ଗୃହ ପରିଦର୍ଶନ(Home Visit)

ଅଭିଯୋଗ ନେଇ କେନ୍ଦ୍ରକୁ ଆସୁଥିବା ମହିଳାଟିକୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଇଥାଏ । ଗୃହପରିଦର୍ଶନ ମାଧ୍ୟମରେ ପରାମର୍ଶଦାତ୍ରୀମାନେ ଉଭୟ ପକ୍ଷର ଜଡିତ ବ୍ୟକ୍ତି ବିଶେଷକୁ ଅନୁଧ୍ୟାନ କରିପାରନ୍ତି । ପରାମର୍ଶଦାତ୍ରୀମାନଙ୍କର ଏହି ପରିଦର୍ଶନ ସାଧାରଣତ ଯେଉଁଠି ଜଣେ ବାରମ୍ବାର ଡାକିଲେ ମଧ୍ୟ କେନ୍ଦ୍ରକୁ ଆସିନଥାଏ କିମ୍ବା ସହଯୋଗ କରିନଥାଏ, ସେ କ୍ଷେତ୍ରରେ ପରାମର୍ଶଦାତ୍ରୀମାନଙ୍କୁ ତାଙ୍କ ଘରକୁ ଯିବାକୁ ପଡିଥାଏ । ଗୃହପରିଦର୍ଶନ ବେଳେ ସ୍ଥାନୀୟ ପୋଲିସ୍, ସରପଞ୍ଚ , ୱାର୍ଡ ମେମ୍ବର, କରର୍ପୋରେଟର ଓ ସେହି ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଥାଏ ।

### ଆଇନ୍ ସହାୟତା(Legal Support)

ଭାରତୀୟ ସାମଜିକ ବ୍ୟବସ୍ଥାରେ ଯଦି ଜଣେ ମହିଳା ଆଇନ୍‌ର ଆଶ୍ରୟ ନିଏ ତାକୁ ବହୁତ ଗୁଡାଏ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ, ହେଲେ ମାଧମ ପାଖକୁ ଅଭିଯୋଗ ନେଇ ଆସୁଥିବା ମହିଳାମାନେ ଯଦି କାହାର ଆଇନ୍ ସହାୟତାର ଦରକାର ପଡେ ତେବେ ତାକୁ କେନ୍ଦ୍ର ତରଫରୁ ମାଗଣାରେ ଆଇନ୍ ଓ ଓକିଲ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି । ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ସଙ୍ଗେ ମହିଳା ସହଯୋଗ କେନ୍ଦ୍ରର ପରାମର୍ଶଦାତ୍ରୀମାନେ ସମ୍ବନ୍ୱୟ ରଖି କାର୍ଯ୍ୟ କରିଥାନ୍ତି । ତତ୍‌ସହିତ ଆଇନ୍ ସେବା ସଂସ୍ଥା **''କ୍ଲାପ୍''** ତରଫରୁ ନିର୍ଯାତିତା ମହିଳାମାନଙ୍କୁ ମାଗଣାରେ ଆଇନ୍ ସହାୟତା ଓ ଓକିଲ ପରାମର୍ଶ ଯୋଗାଇ ଦିଆଯାଉଅଛି ।

ଯଦି ଜଣେ ମହିଳା ଅତି ଅସହାୟ ଅବସ୍ଥାରେ ଆସେ, ତା ସହ କେହି ନାହାନ୍ତି, ସେ କୁଆଡେ ଯିବ, କେଉଁଠି ରହିବ ତେବେ ତାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପରିଚାଳିତ ସ୍ୱାଧାର ଗୃହ ସଙ୍ଗେ ଯୋଗାଯୋଗ କରି ସେଠାରେ ତା'ର ରହିବା ଓ ଖାଇବାର ବ୍ୟବସ୍ଥା କରାଇ ଦିଆଯାଇଥାଏ । ସେଠାରେ ସେ ରହିବା ଭିତରେ ତାକୁ ବିଭିନ୍ନ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମରେ ସାମିଲ ମଧ୍ୟ କରାଯାଇଥାଏ ।

### ସୁରକ୍ଷା ଅଧିକାରୀଙ୍କ ଜରିଆରେ ଡି.ଆଇ.ଆର ପଞ୍ଜିକୃତ କରାଇବା ( Registration of D.I.R.under PWDV Act.)

ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ ଅନୁଯାୟୀ ମାଧ୍ୟମକୁ ଆସୁଥିବା ମହିଳାମାନେ ଚାହିଁଲେ ସେମାନଙ୍କୁ ସୁରକ୍ଷା ଅଧିକାରୀଙ୍କ ଜରିଆରେ ଡି.ଆଇ.ଆର ରେଜିଷ୍ଟର କରିପାରିବେ । ଏ କ୍ଷେତ୍ରରେ ପିଡିତା ମହିଳାଟିକୁ ମାଧ୍ୟମ ତରଫରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଥାଏ ।

### ଡାକ୍ତରୀ ଓ ଅନ୍ୟାନ୍ୟ ସହାୟତା (Medical & other support services)

ଯଦି କୌଣସି ଗରିବ ମହିଳା ନିର୍ଯ୍ୟାତନାର ଶିକାର ହୋଇ ନିଜର ଶରୀରରେ କୌଣସି ଆଘାତ ନେଇ ଏହି କେନ୍ଦ୍ରର ସହାୟତା ଲୋଡେ ତେବେ ତାକୁ ପ୍ରାଥମିକ ଚିକିତ୍ସା ଦେବା ସଙ୍ଗେ ସଙ୍ଗେ ତାର ଯିବା ଆସିବା ରାସ୍ତା ଖର୍ଚ୍ଚ ଦେବାର ବ୍ୟବସ୍ଥା କରାଯାଇଅଛି ।ଏତତ୍ ବ୍ୟତୀତ, ମହିଳା ସହଯୋଗ କେନ୍ଦ୍ର ତରଫରୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ପରାମର୍ଶଦାତା ମଣ୍ଡଳୀ(Advisory Committee) ଗଠନ କରାଯାଇଛି । ଏହି କମିଟିରେ ଡାକ୍ତର, ମନୋସ୍ତତ୍ତ୍ୱବିତ୍, ଆଇନପରାମର୍ଶଦାତା, ପୁଲିସ୍ ଓ ସମାଜସେବୀମାନଙ୍କୁ ସାମିଲ କରାଯାଇଛି । ଯେଉଁମାନେ କି ବିଭିନ୍ନ ସମୟରେ କେନ୍ଦ୍ର ପରିଦର୍ଶନ କରି ପରାମର୍ଶ ଦାତ୍ରୀଙ୍କୁ ଠିକ ପରାମର୍ଶ ଦେବାପାଇଁ ସହଯୋଗ କରିଥାନ୍ତି ।

**ମାଧ୍ୟମ କୁ ଅଭିଯୋଗ ନେଇ ଆସୁଥିବା ସମସ୍ତ ମହିଳାମାନଙ୍କର ତଥ୍ୟ ଗୋପନ ରଖାଯାଇଥାଏ ।**

### ଆମ ସହିତ ଅଛନ୍ତି:-

- ପୋଲିସ ପ୍ରଶାସନ
- ସୁରକ୍ଷା ଅଧିକାରୀ
- ସେବା ପ୍ରବନ୍ଧକ ଅନୁଷ୍ଠାନ
- ଆଇନଜୀବୀ
- ପେଶାଦାର ପରାମର୍ଶଦାତ୍ରୀ
- ମହିଳା ସଂଗଠନ
- ଜିଲ୍ଲା ଆଇନ ସେବା ପ୍ରାଧିକରଣ
- ଡାକ୍ତର
- ସ୍ୱାଧାର ଗୃହ ଚଳାଉଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ


## Acknowledgement

**We are grateful to Oxfam India, Commissionerate of Police, CLAP-Legal Service Institute, Cuttack and all the Advisory Body Members of Maadhyam for their continuous Support and Encouragement for functioning of Maadhyam Women Support Centre.**




ମାଧ୍ୟମ ଭୁବନେଶ୍ୱର



ମାଧ୍ୟମ କଟକ

# ମାଧ୍ୟମରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ (ସେପ୍ଟେମ୍ବର ୨୦୧୪ ଠାରୁ ଅଗଷ୍ଟ ୨୦୧୭ ପର୍ଯ୍ୟନ୍ତ)

ଭୁବନେଶ୍ୱର ଡି.ସି.ପି କାର୍ଯ୍ୟାଳୟ ଓ କଟକ ମହିଳା ଥାନା ପରିସରରେ କାର୍ଯ୍ୟ କରୁଥିବା ମାଧ୍ୟମ ମହିଳା ସହଯୋଗ କେନ୍ଦ୍ର ବିଗତ ଦିନ ମଧ୍ୟରେ ଅନେକ ନିର୍ଯ୍ୟାତିତା ମହିଳାମାନଙ୍କର ଆତ୍ମବଳ ବଢାଇବାରେ ସହାୟକ ହୋଇଛି । ଠିକ ସମୟରେ ମହିଳାଟି ପାଖରେ ପହଁଞ୍ଚିବା ତାଙ୍କୁ ଉପଯୁକ୍ତ ପରାମର୍ଶ ଦେବା ଓ ତାଙ୍କୁ ନିଜ ଗୋଡରେ ନିଜକୁ ଠିଆ କରାଇବାରେ ଦୁଇଟି ଯାକ କେନ୍ଦ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ପରିସଂଖ୍ୟାନରୁ ଜଣାଯାଇଛି ଯେ, କେନ୍ଦ୍ରକୁ ଆସୁଥିବା ମହିଳା ହିଂସା ସମ୍ବନ୍ଧୀୟ ଅଭିଯୋଗ ମଧ୍ୟରୁ ପାରିବାରିକ ହିଂସାର ସଂଖ୍ୟା ଅଧିକ । ଏକ୍ଷେତ୍ରରେ ପରାମର୍ଶଦାତ୍ରୀମାନଙ୍କ ତରଫରୁ ଗ୍ରହଣ କରାଯାଇ ବିଭିନ୍ନ ଅଭିଯୋଗର ପରିସଂଖ୍ୟାନ ଦିଆଗଲା ।

### ୧. ସମୁଦାୟ ପଞ୍ଜିକୃତ ହୋଇଥିବା ଅଭିଯୋଗ

| କେନ୍ଦ୍ର | ଭୁବନେଶ୍ୱର | କଟକ | ମୋଟ |
|---|---|---|---|
| | ୫୪୬ | ୭୨୧ | ୧୨୬୭ |

### ୨. ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା

| କେନ୍ଦ୍ର | ଭୁବନେଶ୍ୱର | କଟକ | ମୋଟ |
|---|---|---|---|
| | ୩୧୨ | ୪୭୭ | ୭୮୯ |

ମୋଟ ପଞ୍ଜିକୃତ ହୋଇଥିବା ହିଂସାକୁ ଛାଡି ଦେଲେ କେବଳ ୫୫୪ ଜଣ ମହିଳା ଏହି କେନ୍ଦ୍ର ପରିଦର୍ଶନ କରି, ପରାମର୍ଶଦାତ୍ରୀଙ୍କ ସଙ୍ଗେ ମିଳି କେନ୍ଦ୍ର ବିଷୟରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି । କେବଳ ଯେ ପାରିବାରିକ ହିଂସାର ଅଭିଯୋଗ ଆସିଥାଏ ତା' ନୁହେଁ ଅନ୍ୟାନ୍ୟ ପ୍ରକାର ହିଂସାରେ ପିଡୀତା ମହିଳାମାନେ ମଧ୍ୟ ନିଜର ଅଭିଯୋଗ ଦାଖଲ କରିଛନ୍ତି । ନିମ୍ନରେ ହିଂସାର ପ୍ରକାର ଆକାରରେ ଗ୍ରହଣ କରାଯାଇଥରବା ଅଭିଯୋଗ ଗୁଡିକରେ ସଂଖ୍ୟା ହେଲା-


୩.

| ଅଭିଯୋଗ ହୋଇଥିବା ହିଂସାର ପ୍ରକାର | ଭୁବନେଶ୍ୱର | କଟକ | ମୋଟ୍ |
|---|---|---|---|
| ପାରିବାରିକ ହିଂସା | ୫୧୩ | ୬୫୩ | ୧୧୬୬ |
| ବିବାହର ମିଥ୍ୟା ପ୍ରଲୋଭନ | ୧୨ | ୧୧ | ୨୩ |
| କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା | ୦୨ | ୦ | ୦୨ |
| ଯୌନ ନିର୍ଯ୍ୟାତନା (Eve-teasing/Sexual Assault/Molestation/Stalking) | ୧୨ | ୧୦ | ୨୨ |
| ସାଇବର କ୍ରାଇମ | ୦୭ | ୦୧ | ୦୮ |
| ଆଡଲଟାରୀ ବା ବ୍ୟଭିଚାର | ୦ | ୪୬ | ୪୬ |

ମାଧ୍ୟମକୁ ଆସୁଥିବା ଅଭିଯୋଗର ସମସ୍ତ ପ୍ରକାର ତଥ୍ୟ ରଖାଯାଇଥାଏ । ବିଗତ ୩ବର୍ଷ ମଧ୍ୟରେ କେତେଜଣ ମହିଳା କେତେ ବୟସ, ଶିକ୍ଷାଗତ ଯୋଗ୍ୟତା, କେଉଁ ବର୍ଗରୁ ବା ଜାତିରୁ କେତେ ଜଣ ମହିଳା ଆସିଛନ୍ତି ସେ ସବୁର ତଥ୍ୟ ନିମ୍ନରେ ଦିଆଗଲା-

୪. ଅଭିଯୋଗ ଆଣିଥିବା ମହିଳାମାନଙ୍କ ବୟସ

| ବୟସ | ସଂଖ୍ୟା |
|---|---|
| ୧୮ ବର୍ଷରୁ କମ | ୧୬ |
| ୧୮ରୁ ୨୫ ବର୍ଷ | ୪୯୩ |
| ୨୬ରୁ ୪୦ ବର୍ଷ | ୫୭୮ |
| ୪୧ରୁ ୫୫ ବର୍ଷ | ୧୪୦ |
| ୫୫ ବର୍ଷରୁ ଅଧିକ | ୪୦ |



### ୫. ଶିକ୍ଷାଗତ ଯୋଗ୍ୟତା

| ଯୋଗ୍ୟତା | ସଂଖ୍ୟା |
|---|---|
| କିଛି ପଢିନାହାନ୍ତି | ୩୯ |
| କେବଳ ଦସ୍ତଖତ ଜାଣନ୍ତି | ୭୬ |
| ପ୍ରାଥମିକ | ୨୨୩ |
| ମାଧ୍ୟମିକ | ୪୧୫ |
| ଇଣ୍ଟର ମିଡିଏଟ | ୧୪୩ |
| ସ୍ନାତକ | ୧୭୯ |
| ସ୍ନାତକୋତ୍ତର | ୬୫ |
| ବୃତ୍ତିଗତପେଷା | ୧୨୪ |

### ୬. କେଉଁ ବର୍ଗରୁ କେତେଜଣ ମହିଳା ଅଭିଯୋଗ ପଞ୍ଜିକରଣ କରିଛନ୍ତି

| ବର୍ଗ | ସଂଖ୍ୟା |
|---|---|
| ସାଧାରଣ | ୫୭୬ |
| ଓ.ବି.ସି | ୨୨୫ |
| ଅନୁସୂଚିତ ଜାତି | ୩୦୦ |
| ଅନୁସୂଚିତ ଜନଜାତି | ୧୪ |
| ଖ୍ରୀଷ୍ଟିୟାନ | ୨୧ |
| ମୁସ୍‌ଲିମ | ୧୩୧ |

ମାଧ୍ୟମକୁ ଅଭିଯୋଗ ନେଇ ଆସୁଥିବା ଅନେକ ମହିଳା ବିଭିନ୍ନ ମାଧ୍ୟମରେ ଆସିଥାନ୍ତି । ମୋଟ ଆସିଥିବା ୧୨୬୭ ଅଭିଯୋଗ ମଧ୍ୟରୁ ୪୩ ଜଣ ନିଜେ ନିଜେ ଆସିଛନ୍ତି । ୧୨ ଜଣ ପଡୋଶୀ ଓ ବଂଧୁଙ୍କ ସହାୟତାରେ ୬୮ ଜଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ୧୯ ଜଣ ଓକିଲ, ୩୧ ଜଣ ଗଣମାଧ୍ୟମ ପରାମର୍ଶରେ ଓ ୮୦ ଜଣ ମହିଳା ଅନ୍ୟାନ୍ୟ ସୂତ୍ରରୁ ନିଜର ଅଭିଯୋଗ ନେଇ ଆସିଛନ୍ତି । ଏଠାରେ' ଦେଖାଯାଇଛି ଯେ ଅଧିକାଂଶ ମହିଳା ବିଭିନ୍ନ ଥାନା ମାଧ୍ୟମରେ ଆସିଛନ୍ତି । ନିମ୍ନରେ ବିଗତ ଏକ ବର୍ଷ ମଧ୍ୟରେ କେଉଁ କେଉଁ ଥାନାରୁ କେତୋଟି ଅଭିଯୋଗ ଆସିଛି ସେ ସମ୍ବନ୍ଧରେ ପରିସଂଖ୍ୟାନ ଦିଆଗଲା ।

### ୭. ବିଭିନ୍ନ ଥାନା ମାଧ୍ୟମରୁ ଆସିଥିବା ଅଭିଯୋଗ ସଂଖ୍ୟା

| ଥାନାର ନାମ | ସଂଖ୍ୟା |
|---|---|
| ଭୁବନେଶ୍ୱର | |
| ଖଣ୍ଡଗିରି | ୨୦ |
| କ୍ୟାପିଟାଲ | ୪ |
| ଖାରବେଳନଗର | ୨ |
| ନୟାପଲ୍ଲୀ | ୩ |
| ଶହିଦ ନଗର | ୧୯ |
| ଏୟାରଫିଲଡ୍ | ୬ |
| ଚନ୍ଦ୍ରଶେଖରପୁର | ୪ |
| ଶ୍ରୀଲିଙ୍ଗରାଜ | ୭ |
| ବରଗଡ | ୩ |
| ମହିଳା ଥାନା, ଭୁବନେଶ୍ୱର | ୧୮୬ |
| ଲକ୍ଷ୍ମୀସାଗର | ୧୧ |
| ଜଟଣୀ | ୩ |

| ଥାନାର ନାମ | ସଂଖ୍ୟା |
|---|---|
| ଭୁବନେଶ୍ୱର | |
| ଚନ୍ଦକା | ୨ |
| ବାଲିଅନ୍ତା | ୫ |
| ବାଲିପାଟଣା | ୧ |
| ଇନଫୋସିଟି | ୪ |
| ନନ୍ଦନକାନନ | ୩ |
| ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୪୫ |
| ସି.ପି ଅଭିଯୋଗ ପ୍ରକୋଷ୍ଠ | ୯ |
| ଅନ୍ୟାନ୍ୟ ପୋଲିସ ବିଭାଗ | ୫ |
| ମଞ୍ଚେଶ୍ୱର | ୬ |
| | |
| | |
| | |

| ଥାନାର ନାମ | ସଂଖ୍ୟା |
|---|---|
| କଟକ | |
| ମହିଳା ଥାନା | ୬୩୧ |
| ମାଲଗୋଦାମ | ୫ |
| ପୁରୀଘାଟ | ୨ |
| ମଧୁପାଟଣା | ୧ |
| କନ୍ଦରପୁର | ୩ |
| ଚୌଦ୍ୱାର | ୧ |
| ଚାଉଳିଆଗଞ୍ଜ | ୧ |
| ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୮ |
| ସଦର | ୪ |
| ଲାଲବାଗ | ୧ |
| ବାରଙ୍ଗ | ୧ |
| ବିଡାନାସୀ | ୧ |
| ମରକତ ନଗର | ୧ |
| ମଙ୍ଗଳାବାଗ | ୧ |
| ଅନ୍ୟାନ୍ୟ ପୋଲିସ ବିଭାଗ | ୨ |

କେବଳ ପରାମର୍ଶ ନୁହେଁ ମାଧ୍ୟମ ତରଫରୁ ଅନେକ ମହିଳାଙ୍କୁ ସରକାରୀ ଓ ବେସରକାରୀ ଯୋଜନା ସହିତ ସାମିଲ କରାଯାଇଛି ।

### ୮. ସେହି ସବୁ ଯୋଜନାରେ ସାମିଲ କରାଯାଇଥିବା ମହିଳାଙ୍କ ସଂଖ୍ୟା-

| ଯୋଜନାର ନାମ | ସଂଖ୍ୟା |
|---|---|
| ସ୍ୱଧାର ଗୃହରେ ରହିବାର ବ୍ୟବସ୍ଥା | ୨୩ |
| ମାଗଣାରେ ଆଇନ ସହାୟତା ପାଇଥିବା ମହିଳାଙ୍କ ସଂଖ୍ୟା | ୮୫ |
| ସୁରକ୍ଷା ଅଧିକାରୀଙ୍କ ସହାୟତାରେ ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫ରେ ପଞ୍ଜିକୃତ ହୋଇଥିବା ଅଭିଯୋଗ | ୨୫ |
| ଡାକ୍ତରୀ ସୁବିଧା | ୧୮ |
| କର୍ମ ନିଯୁକ୍ତି | ୧୪ |

ପରିସଂଖ୍ୟାନ ଯାହା ହେଉନା କାହିଁକି, ମାଧ୍ୟମ ଉଭୟ ପରିବାରକୁ ଯୋଡିବାରେ ବିଶ୍ୱାସ କରେ, ଭାଙ୍ଗିବାରେ ନୁହେଁ । ଯେତେଥର ହେଉନା କାହିଁକି କୌଣସି ଅଭିଯୋଗ କୌଣସି ପ୍ରକାରେ ବନ୍ଦ କରିଦିଆଯାଏନାହିଁ । ପ୍ରତିଟି ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇଥାଏ ।

# ସଫଳ କାହାଣୀ

(ନିମ୍ନରେ କେତେକ ପିଡୀତା ମହିଳାଙ୍କ ସଫଳ କାହାଣୀ ଦିଆଯାଇଛି । ସେମାନଙ୍କର ପ୍ରକୃତ ନାମ ଓ ଠିକଣା ବ୍ୟବହାର କରିବା ପରିବର୍ତ୍ତେ ଛଦ୍ମ ନାମ ବ୍ୟବହାର କରାଯାଇଛି ।)

## ଅନିତାର ସଂସାର

ବ୍ରାହ୍ମଣ ଘରର ୧୭ ବର୍ଷର ଝିଅ ଅନିତା । ୧୫ ବର୍ଷ ବେଳକୁ ଭାଇର ସାଙ୍ଗ ଅଶୋକଙ୍କ ପ୍ରେମରେ ପଡିଲା । ବ୍ରାହ୍ମଣ ଘର ଝିଅ ଗଉଡ ଘର ପୁଅର ବିବାହକୁ ସାମାଜିକ ସ୍ୱୀକୃତି ମିଳିବା କଷ୍ଟକର ବୋଲି ଉଭୟ ଅନୁଭବ କଲା ପରେ ଘରୁ ଲୁଚି ପଳେଇବେ ବୋଲି ସ୍ଥିର କଲେ । ଅନିତାଙ୍କ ପରିବାରର ଲୋକ ଅନେକ ଖୋଜାଖୋଜି କଲା ପରେ ସୂଚନା ନମିଳିବାରୁ ସେମାନେ ପୋଲିସରେ ଏଫ.ଆଇ.ଆର୍ ଦରଜ କଲେ । ପୋଲିସ ଉଭୟଙ୍କୁ ଖୋଜି ବାହାର କଲା ପରେ ଅନିତା ଯେହେତୁ ନାବାଳିକା ଥିଲେ ତେଣୁ କାଳେ ଅଶୋକଙ୍କୁ ଜେଲ ଦଣ୍ଡ ମିଳିବ ସେଇ ଭୟରେ ସେ ମିଛରେ ଅଶୋକଙ୍କ ସାଙ୍ଗରେ ନଥିଲେ ବୋଲି କହିଲେ । ହେଲେ ପୁଅ ଘର ପରିବାର ପୁଅ ଜେଲ ଯିବା ପାଇଁ ଚାହୁଁନଥିଲେ । ଅନ୍ୟ କିଛି ଉପାୟ ନପାଇ ସହମତି କ୍ରମେ ଅନିତାକୁ ବୋହୂ କରି ନେବେ ବୋଲି ରାଜି ହୋଇ ପୁଅ ଝିଅକୁ ବାହା ମଧ୍ୟ କରାଇଦେଇଥିଲେ ।

କମ ବୟସରୁ ବିବାହ କରିଥିବା ଅନିତା ପରିବାରର ବଡ ବୋହୂର ଦାୟିତ୍ୱ କିପରି ତୁଲାଇବେ ସେ ପ୍ରତି ଭୟଭୀତ ଥିଲେ । ଏପଟେ ବାହା ସିନା କରାଇଦେଲେ ହେଲେ ଅଶୋକଙ୍କ ପରିବାରରେ କେହି ତାଙ୍କୁ ଖୁସିରେ ଗ୍ରହଣ କଲେ ନାହିଁ । ପୁଅ ପ୍ରେମ ବିବାହ କରିଥିବାରୁ, ଯୌତୁକ ଆଣି ନପାରିବାର କ୍ଷୋଭ ସେମାନଙ୍କ ମନ ଭିତରେ ରହିଥାଏ । ତେଣୁ ସେମାନେ ଅନିତା ଉପରେ ଅତ୍ୟାଚାର କରିବା ଆରମ୍ଭ କରି ଦେଇଥିଲେ । ଘରର କାମ ଭଲଭାବରେ ନ ଶିଖିଥିଲେ ମଧ୍ୟ ଅନିତାକୁ ଘରର ଯାବତୀୟ କାମ କରିବାକୁ ବାଧ୍ୟ କରାଯାଉଥିଲା ।ସ୍ୱାମୀକୁ ଛାଡି ଦେଲେ ଅନିତା ସହିତ କେହି ଜଣେ ବି ଭଲ ବ୍ୟବହାର କରୁନଥିଲେ ତେଣୁ ସେ ଘରେ ସ୍ୱାମୀ ଥିବାବେଳେ ନିଜକୁ ସୁରକ୍ଷିତ ମଣୁଥିଲା । ଇତି ମଧ୍ୟରେ ଅନିତା ଗର୍ଭବତୀ ହେଲା । ଏପରି ଖୁସି ଖବର ପାଇଲା ପରେ ଶାଶୂଘର ଲୋକେ କେହି ଖୁସି ହେଲେ ନାହିଁ । ଅନିତାର ବୟସ କମଥିବାରୁ ଗର୍ଭାବସ୍ଥାରେ ଅନେକ ଅସୁବିଧା ଦେଖାଦେଲା ।ହେଲେ ଶାଶୁଘର ଲୋକଙ୍କର ସେଥିପ୍ରତି ନଜର ନଥିଲା । ଦିନକୁ ଦିନ ଅନିତା ଉପରେ ହେଉଥିବା ଅତ୍ୟାଚାର ବଢିବାକୁ ଲାଗିଲା ।ସେଥିପାଇଁ ଅଶୋକ ଓ ଅନିତା ଅଲଗା ରହିବାକୁ ସ୍ଥିର କଲେ ।

ଅନିତାର ବାପା, ମା ମୂଳ ଲାଗୁଥିଲେ ବି ସେମାନଙ୍କୁ ସାହାର୍ଯ୍ୟ କରୁଥିଲେ । ଏହା ମଧ୍ୟରେ ଅନିତାର ପୁଅଟିଏ ହେଲା । ପୁଅକୁ ଦେଖିବାକୁ ଶାଶୁଘର ଲୋକ ଆସିଲେ ନାହିଁ । କିଛି ଦିନ ପରେ ଅଶୋକ ନିଜ ବାପା ,ମାଙ୍କ ପାଖକୁ ଯିବା ଆସିବା କଲେ ଓ ସ୍ତ୍ରୀକୁ ଏତେ ଭଲ ପାଉଥିବା ଲୋକଟି ହଠାତ ଓଲଟି ପଡିଲେ ଏବଂ ଅନିତାକୁ ଶାରିରୀକ, ମାନସିକ ନିର୍ଯ୍ୟାତନା ଦେବା ଆରମ୍ଭ କଲେ । ଦିନେ ଅଶୋକ ଅନିତାକୁ ଛାଡି ତାଙ୍କ ଘରକୁ ପଳାଇଲେ । ଅନୀତା ଛୋଟ ଛୁଆଟିକୁ ନେଇ କଣ କରିବ ଜାଣିପାରିଲାନି । ଅନିତା ମାଧ୍ୟମରେ ଆସି ପହଞ୍ଚିଲେ ତାଙ୍କ ଠାରୁ ସମସ୍ତ ବିଷୟ ବୁଝି ପରାମର୍ଶଦାତ୍ରୀ ତା ସ୍ୱାମୀ, ଶାଶୁ, ଶଶୁର ଦିଅରକୁ କାଉନସେଲିଂ ପାଇ ଡକାଇଲେ । ଆଲୋଚନା ପରେ ଅଶୋକ କରିଥିବା ଭୁଲ ବୁଝିଲେ ଏବଂ ବୋହୁକୁ ଘରକୁ ନେବାକୁ ଚାହିଁଲେ । ଅନିତା ଖୁସିରେ ଶାଶୁ ଘରେ ରହିବାର ସମ୍ମତି ପ୍ରଦାନ କଲେ । ଏବେ ଅନିତା ତା ଶାଶୁଘରେ ଖୁସିରେ ଅଛନ୍ତି ।

## ସୁଧିରର ଛାୟା

ସୁଧିର ଓ ଛାୟା ୨ ଜଣ ଉଚ୍ଚ ଶିକ୍ଷିତ । ଉଭୟ ପତି ପତ୍ନୀ ଏକ କନ୍ୟା ସନ୍ତାନର ମାତା, ପିତା ହୋଇସାରିଛନ୍ତି । ବିବାହର ୨ ବର୍ଷ ପରେ ହଠାତ ତାଙ୍କ ଭିତରେ ଛୋଟ ଛୋଟ କଥାକୁ ନେଇ ମନମାଳିନ ଆରମ୍ଭ ହେଲା । ଯେପରି ପାରମ୍ପାରିକ ବେଶରେ ଛାୟା ସବୁଦିନ ସଜାଇ ହୋଇ ରହିବେ, କାହା ସାଙ୍ଗରେ କଥାବାର୍ତ୍ତା କରିବେ ନାହିଁ । ଉଚ୍ଚ ଶିକ୍ଷିତା ହେଲେ ମଧ୍ୟ ଘରୁ ବାହାରକୁ ଯାଇ କାର୍ଯ୍ୟ କରିପାରିବେ ନାହିଁ ଇତ୍ୟାଦି । ଏସବୁ ଛାୟା ସହିଯାଉଥିଲେ କିନ୍ତୁ ଯେତେବେଳେ ସୁଧିର ତାଙ୍କୁ ମଦପିଇ ବାଡେଇଲେ, ବାପଘରୁ ଅଧିକ ଯୌତୁକ ଆଣିବାକୁ ବାଧ୍ୟ କଲେ ସେତେବେଳେ ଛାୟା ବାଧ୍ୟ ହୋଇ "ମାଧ୍ୟମ"ରେ ପହଞ୍ଚିଲେ ।

ମାଧ୍ୟମରେ ପହଞ୍ଚିଲା ପରେ ତାଙ୍କ ଠାରୁ ସମସ୍ତ ବିଷୟ ଲିଖିତ ଆକାରରେ ଗ୍ରହଣ କରାଯାଇ ତାଙ୍କ ସ୍ୱାମୀଙ୍କୁ ମାଧ୍ୟମରେ ପହଞ୍ଚିବା ପାଇଁ ଫୋନ ଦ୍ୱାରା ଜଣାଇ ଦିଆଗଲା । ସ୍ୱାମୀ , ସ୍ତ୍ରୀଙ୍କ ବିଚାର ଧାରାରେ ଆକାଶ ପାତାଳ ଫରକ ଥିଲେ ବି ଉଭୟକୁ ବୁଝାଇବାକୁ ଚେଷ୍ଟା କରାଗଲା । ପରିସ୍ଥିତି ଅନୁକୂଳ ନଥିଲା, ତେଣୁ ଉଭୟକୁ କିଛି ଦିନ ଅଲଗା ରହିବା ପାଇଁ କୁହାଗଲା । ଛାୟା ଝିଅ ସହ ତାଙ୍କ ମାଙ୍କ ପାଖରେ ରହିଲେ । ହେଲେ ଯେଉଁଠି ଛାୟା ରୁହନ୍ତି ସେଠାରେ ସୁଧିର ଆସି ଉପରେ ପଡ଼ି ଗଣ୍ଡଗୋଳ ଆରମ୍ଭ କରିଦିଅନ୍ତି । ଯାହା ପାଇଁ ଛାୟା ଅତିଷ୍ଠ ହୋଇ ଭିଣେଇଙ୍କ ପାଖକୁ ବାଙ୍ଗାଲୋର ଚାଲିଗଲେ । ସୁଧିର ଭାବିଲେ ବୋଧେ ''ମାଧ୍ୟମ'' ଛାୟାଙ୍କୁ କେଉଁ ଠାରେ ଲୁଚାଇଛନ୍ତି । କିନ୍ତୁ ଛାୟାଙ୍କ ହାତ ଲିଖିତ କାଗଜ ଦେଖିବା ପରେ ସୁଧିରର ସନ୍ଦେହ ଦୂର ହୋଇଥିଲା ।

ଛାୟା ବାଙ୍ଗାଲୋରରେ ଥିବା ବେଳେ ମାଧ୍ୟମ ତରଫରୁ ଫୋନରେ ତାଙ୍କ ସହ କଥାବାର୍ତ୍ତା ହେବା ସହ ସୁଧିରକୁ ବି ମାଧ୍ୟମକୁ ଡକାଇ ବୁଝାଶୁଝା ଚାଲିଥାଏ । ଉଭୟଙ୍କ ମଧ୍ୟରେ 'ମାଧ୍ୟମ' ଥିଲା ସେତୁ । ଜଣେ ଅନ୍ୟଜଣଙ୍କ ହାଲଚାଲ 'ମାଧ୍ୟମରୁ'ଜାଣି ପାରୁଥାନ୍ତି । ନିଜ ସ୍ତ୍ରୀ ଓ ପିଲାଠାରୁ ଅଲଗା ରହିବା ପରେ ସୁଧିର ମଧ୍ୟରେ ପରିବର୍ତ୍ତନ ଆସିଲା । ସୁଧୀରର ପରିବର୍ତ୍ତନକୁ ଦେଖି ଉଭୟ ଛାୟା ଓ ସୁଧିରକୁ ଏକାଠି ବସି ଆଲୋଚନା ପାଇଁ ଚେଷ୍ଟା କରାଗଲା । ଉଭୟଙ୍କ ଭିତରେ ଥିବା ମତଭେଦଦୂର ହୋଇଥିଲା ଏବଂ ପୁର୍ନବାର ମିଶି ବୈବାହିକ ଜୀବନ କଟାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ.

ସୁଧିର ଏବେ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ ହୋଇ ଛାୟାଙ୍କର ଉପଯୁକ୍ତ ସାଥିରେ ପରିଣତ ହୋଇଥିବାରୁ ସେ ମାଧ୍ୟମକୁ ଅଶେଷ ଧନ୍ୟବାଦଦେଇଛନ୍ତି ।

## ଆଦିତ୍ୟ ଓ ସଞ୍ଜନା

ମନସ୍ତତ୍ତ୍ୱର ଛାତ୍ରୀ ସଞ୍ଜନା, ଡାକ୍ତରୀ ଛାତ୍ର ଆଦିତ୍ୟଙ୍କ ମଧ୍ୟରେ ପାଠ ପଢିଲା ବେଳୁ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଉଭୟ ଭିନ୍ନ ଜାତିର ହୋଇଥିବାରୁ ବିବାହ ପାଇଁ ସାମାଜିକ ବନ୍ଧନ ରହିଥିଲା । ସୁନ୍ଦରୀ ସଞ୍ଜନା ପାଇଁ ପାତ୍ରର ଅଭାବ ନଥିଲା । କିନ୍ତୁ ୨ ଜଣଙ୍କ ପ୍ରେମଆଗରେ ପରିବାରକୁ ମୁଣ୍ଡ ନୁଆଁଇବାକୁ ପଡିଥିଲା । ଶେଷରେ ୨୦୧୩ ଜାନୁୟାରୀରେ ଉଭୟଙ୍କ ବିବାହ ବେଶ ଧୂମଧାମରେ ହୋଇଥିଲା । ଆଦିତ୍ୟ ନର୍ସିଂହୋମ କରି ସେଥିରେ ବ୍ୟସ୍ତ ରହୁଥିବା ବେଳେ ସଞ୍ଜନା ତାଙ୍କ ସଂସାରରେ ବ୍ୟସ୍ତ ରହୁଥିଲେ । ସେମାନଙ୍କ ଖୁସିରୁ ଦ୍ୱିଗୁଣିତ କରି ତାଙ୍କ ସଂସାରକୁ ଏକ ପୁତ୍ର ସନ୍ତାନ ଆସିଥିଲା । ଆଦିତ୍ୟ ବୃତ୍ତିରେ ଉନ୍ନତି କରି ଆଉ ଗୋଟେ ନର୍ସିଂହୋମ ସ୍ଥାପନ କରିଥିଲେ । ଆର୍ଥିକ ଭାବରେ ସ୍ୱଚ୍ଛଳ ସହିତ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଥିଲା ।

ବିବାହର ସାଢେ ତିନିବର୍ଷ ପରେ ହଠାତ ସଞ୍ଜନା ଆଦିତ୍ୟଙ୍କ ଜୀବନରେ ଅନ୍ୟଜଣେ ନାରୀର ଉପସ୍ଥିତି ସମ୍ବନ୍ଧରେ ଜାଣିଲେ । ତାଙ୍କ ବୈବାହିକ ଜୀବନରେ ଝଡ ସୃଷ୍ଟି ହେଲା । ଘରେ ଅଶାନ୍ତି ଲାଗି ରହିଲା । ଆଦିତ୍ୟ ସେ ଝିଅଟିକୁ ଅନ୍ୟ ଗୋଟିଏ ଭଡ଼ାଘରେ ରଖିଥାନ୍ତି । ତା ପିଛାରେ ଅନେକ ପଇସା ଖର୍ଚ୍ଚ କରିବା ସହ ନିଜେ ମଦ୍ୟପାନ ପରି ବଦଭ୍ୟାସକୁ ଆପଣେଇ ସାରିଥାନ୍ତି । ସଞ୍ଜନାଙ୍କର ସହିବାର ସୀମା ଟପି ଗଲାପରେ ପ୍ରତିବାଦକରିବା ଆରମ୍ଭ କରିଦେଲ । । ଅନ୍ୟ ଝିଅଟି ପ୍ରତି ତାଙ୍କର ଆକ୍ରୋଶ ବଢିଲା । ସଞ୍ଜନା ସେ ଝିଅଟିକୁ ଗାଳିଗୁଲଜ କଲେ ଓ ନର୍ସିଂହୋମ ଯାଇ ତାକୁ କାର୍ଯ୍ୟରୁ ବାହାର କରିଦେଲେ । ଏଥିପାଇଁ ଆଦିତ୍ୟ ସଞ୍ଜନାକୁ ବାଡେଇ ତାଙ୍କ କାନ ଗିଲ ଫଟାଇ ଦେଇଥିଲେ । ଘରେ ସବୁବେଳେ ଅଶାନ୍ତି ଲାଗି ରହିଲା । ସଞ୍ଜନା ଠିକ ଭାବରେ ପୁଅର ଦେଖାଶୁଣା କରିପାରିଲେ ନାହିଁ । ତେଣୁ ତାଙ୍କ ବାପା, ମାଙ୍କୁ ଆଣି ପାଖରେ ରଖିଲେ ।

ସଞ୍ଜନା ଏ ଘଟଣା ଥାନାରେ ବହୁତଥର ଅଭିଯୋଗ କଲେ ବି କୌଣସି ଫଳ ମିଳିଲା ନାହିଁ । ଇତି ମଧ୍ୟରେ ସଞ୍ଜନା ଫିନାଇଲ ପିଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ । ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନ ନୁହେଁ ବୋଲି ଭାବି ସଞ୍ଜନା 'ମାଧ୍ୟମ'ରେ ପହଁଞ୍ଚିଲେ । ମାଧ୍ୟମର ପରାମର୍ଶଦାତ୍ରୀ ସ୍ୱାମୀ ଆଦିତ୍ୟଙ୍କୁ ମାଧ୍ୟମକୁ ଡକାଇଲେ । ତାଙ୍କୁ ବୁଝାଶୁଝା କଲା ପରେ ତାଙ୍କର ଅନ୍ୟ ଜଣେ ଝିଅ ସହ ସମ୍ପର୍କକୁ ସେ ସ୍ୱୀକାର କରିଥିଲେ । ଅନେକ ଥର ବୁଝାଶୁଝା କଲା ପରେ ସେ ଆଉ ସେ ଝିଅଟି ସହିତ ସମ୍ପର୍କ ରଖିବେ ନାହିଁ ଏବଂ ତାକୁ ରଖୁଥିବା ଘରଟିକୁ ଖାଲି କରିଦେବ ବୋଲି କହିଥିଲେ । ସଞ୍ଜନା ତାଙ୍କ ନର୍ସିଂହୋମକୁ ଯାଇ ସମସ୍ତ କାର୍ଯ୍ୟ ତଦାରଖ କରିବା ପ୍ରସ୍ତାବକୁ ସେ ସ୍ୱୀକାର କରିଥିଲେ । ସ୍ତ୍ରୀ ଓ ପୁଅକୁ ଛାଡି ରହିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି କହିବା ସହ ଆଦିତ୍ୟ ନିଜ ଭୁଲପାଇଁ ଅନୁତାପ କରିଥିଲେ । ଏକ ମାସ ପରେ ମାଧ୍ୟମକୁ ଆସି ଉଭୟ ଖୁସି, ଆନନ୍ଦରେ ରହିଛନ୍ତି ବୋଲି ଜଣାଇଥିଲେ ।

## ପ୍ରମୋଦିନୀକୁ ମାଧ୍ୟମର ସହଯୋଗ

ପ୍ରମୋଦିନୀ ଥିଲେ ଜଣେ ମେଧାବୀ ଛାତ୍ରୀ । ଦେଖିବାକୁ ଖୁବ୍ ସୁନ୍ଦର । ଘର ଜଗତସିଂହପୁର ଜିଲ୍ଲାରେ । କଲେଜ ଯିବା, ପାଠ ପଢ଼ିବା ପୁଣି ଘରକୁ ଆସିବା ନିତିଦିନିଆ କାମ । ଯିବାଆସିବା ଭିତରେ ସୈନ୍ୟବାହିନୀରେ କାର୍ଯ୍ୟରତ ଏକ ଯବାନ ତାଙ୍କୁ ଏକତରଫା ଭଲପାଇ ବସିଲେ ଆଉ ଯେତେବେଳେ ପ୍ରମୋଦିନୀ ଠାରୁ ନାଁ ଶୁଣିଲେ ସେତେବେଳେ ଉତ୍କ୍ଷିପ୍ତ ହୋଇ ଏସିଡ୍ ଢ଼ାଳିଦେଲେ ପ୍ରମୋଦିନୀଙ୍କ ମୁହଁରେ । ନ୍ୟାୟ ପାଇଁ ଅନେକ ସଂଘର୍ଷ କରିଛନ୍ତି ପ୍ରମୋଦିନୀ । ସୁନ୍ଦର ଚେହେରାଟା ଅସୁନ୍ଦର ହୋଇଗଲା, ଆଖିକୁ ଦିଶିଲା ନାହିଁ ଆଦିକୁ ଭୃକ୍ଷେପ ନକରି ପ୍ରମୋଦିନୀ ତାଙ୍କର ସଂଗ୍ରାମ ଜାରି ରଖିଲେ । ଯେବେ ପ୍ରମୋଦିନୀ 'ମାଧ୍ୟମ'ର ସହଯୋଗ ଲୋଡ଼ିଲେ ସହଯୋଗର ହାତ ବଢ଼ାଇଲା 'ମାଧ୍ୟମ' । ଓଟିଭିର ଆଶାର ଆଲୋକ ସୋ' ଜରିଆରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ସହଯୋଗ ଲୋଡ଼ାଯାଇଥିଲା । ଏହି ସୋ' ଦେଖି ରୋଟାରୀ ଇନର୍ ହୁଇଲ୍ କ୍ଲବ, ଭୁବନେଶ୍ୱରର ସଭ୍ୟ /ସଭ୍ୟାମାନଙ୍କ ଆର୍ଥିକ ସହଯୋଗରେ ପ୍ରମୋଦିନୀର ଆଖି ଅପରେସନ୍ ହେଲା ଚେନ୍ନାଇର ଶଙ୍କର ନେତ୍ରାଳୟରେ । ଏବେ ସେ କିଛି ମାତ୍ରାରେ ଦେଖିପାରୁଛନ୍ତି । 'ମାଧ୍ୟମ'ର ସହଯୋଗରେ ତାଙ୍କ କେସଟିକୁ ଆଇନ ସେବା ସଂସ୍ଥା 'କ୍ଲାପ୍' ତରଫରୁ ଉଚ୍ଚନ୍ୟାୟାଳୟଙ୍କ ଦୃଷ୍ଟିଗୋଚରକୁ ଅଣାଯାଇଛି । ଜଗତସିଂହପୁର ଜିଲ୍ଲାପାଳ ଶ୍ରୀମତୀ ଯାମିନୀ ଷଡ଼ଙ୍ଗୀ ଓ ସଚ୍ଚିବ ସଦସ୍ୟ ଜିଲ୍ଲା ଆଇନ୍ ପ୍ରାଧିକରଣ ଶ୍ରୀମତୀ ସ୍ରୋତଶିନୀ କରଙ୍କ ସହଯୋଗରେ ଏବେ ପ୍ରମୋଦିନୀ ନ୍ୟାୟ ପାଇବ ବୋଲି ଆଶାବାଦୀ । 'ମାଧ୍ୟମ' ମଧ୍ୟ ଆଶାବାଦୀ ପ୍ରମୋଦିନୀଙ୍କୁ ଦିନେନା ଦିନେ ନ୍ୟାୟ ମିଳିବ ।




ରୋଟାରୀ ଇନର୍ ହୁଇଲ୍ କ୍ଲବ, ଭୁବନେଶ୍ୱରଙ୍କ ତରଫରୁ
ପ୍ରମୋଦିନୀଙ୍କୁ ଦିଆଯାଇଥିବା ଆର୍ଥିକ ସହାୟତା



ଜଗତସିଂହପୁର ଜିଲ୍ଲାପାଳ ଶ୍ରୀମତୀ ଯାମିନୀ ଷଡ଼ଙ୍ଗୀଙ୍କ ସହିତ
ପ୍ରମୋଦିନୀ ଓ ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ

# କାର୍ଯ୍ୟରତ ପରାମର୍ଶଦାତ୍ରୀ ମାନଙ୍କର ଅଭିଜ୍ଞତାରୁ କିଛି.....



**ଅନିମା ମିଶ୍ର**
ପରାମର୍ଶଦାତ୍ରୀ, ଭୁବନେଶ୍ୱର

"ମାଧ୍ୟମ" ମହିଳା ସହଯୋଗ କେନ୍ଦ୍ରରେ ପରାମର୍ଶଦାତ୍ରୀ ଭାବେ ଗତ ବର୍ଷ ଜୁନ୍ ମାସରେ ଯୋଗଦେଲି । ଏଠାକୁ ଆସିବା ପୂର୍ବରୁ ମୁଁ ଅନ୍ୟ ଏକ ପରାମର୍ଶ କେନ୍ଦ୍ରରେ ପରାମର୍ଶଦାତ୍ରୀ ଭାବେ କାମ କରିବାର ଅଭିଜ୍ଞତା ଥିଲା । ଏହାକୁ ପାଥେୟ କରି ମୁଁ ଏଠାରେ ଯୋଗ ଦେଇଥିଲି । ପ୍ରଥମରୁ ମୁଁ ଟିକେ ଡରିଯାଇଥିଲି, ଭାବିଲି ପୋଲିସ ପ୍ରଶାସନ ପରିସରରେ ଏହି କେନ୍ଦ୍ର- ହଠାତ୍ ଯିଏ ନାହିଁ ସିଏ ଶୁଣି ଭାବିନେବ ମନରେ ଡର ହେଲେ କାମ କରିବାର ଉତ୍ସାହ ମୁଁ ମୋର ସମସ୍ତ ସହଯୋଗୀ କର୍ମୀଙ୍କ ଠାରୁ ପାଇଛି । ଯେତେବେଳେ ଜଣେ ମହିଳା ଏଠାକୁ କୌଣସି ପାରିବାରିକ ଅଭିଯୋଗ ନେଇ ଆସିଥାଏ, ମୁଁ ସବୁବେଳେ ଆପୋଷ ବୁଝାମଣା ମାଧ୍ୟମରେ କିପରି ସମସ୍ୟାର ସମାଧାନ ହୋଇପାରିବ ପ୍ରାଧ୍ୟାନତା ଦେଇଥାଏ । ଏଠାରେ କାମ କରିବା ଭିତରେ ପୋଲିସ ପ୍ରଶାସନର ବହୁତ ସହଯୋଗ ମିଳିଛି । ନିଜର ସମସ୍ୟା ନେଇ ମାଧ୍ୟମକୁ ଆସୁଥିବା ମହିଳା ଓ ସେମାନଙ୍କର ପିଲାମାନଙ୍କ ପାଇଁ ଏକ ବିଶ୍ରାମ ସ୍ଥାନର ଆବଶ୍ୟକତା ଅଛି । ଦିନକୁ ଦିନ ଦେଖାଯାଇଛି ଯେ ଅଧିକରୁ ଅଧିକ ମାତ୍ରାରେ ମହିଳା ମାନେ ସହାୟତା ପାଇଁ ଆସୁଛନ୍ତି ।



**ମୀନା ଭକତ୍**
ପରାମର୍ଶଦାତ୍ରୀ, ଭୁବନେଶ୍ୱର

ସେପ୍ଟେମ୍ବର ୩ ତାରିଖ, ୨ ୦ ୧ ୪ ମସିହାରେ"ମାଧ୍ୟମ"ର ଉଦଘାଟନ ହେଲା । ପୋଲିସ ବିଭାଗ ସହିତ ହାତ ମିଳାଇ କାମ କରିବାକୁ ଜଣେ ମନସ୍ତତ୍ତ୍ୱବିଦ୍ ଭାବେ ଯୋଗ ଦେଇଥିଲି ମାଧ୍ୟମର ପରାମର୍ଶଦାତ୍ରୀ ଭାବେ ।

"ମାଧ୍ୟମ"ରେ କାମ କରିବା ପୂର୍ବରୁ ମହିଳା ହିଂସା ବିଷୟରେ ଖବରକାଗଜ, ଟେଲିଭିଜନ, ବିଭିନ୍ନ ସୋସିଆଲ ସାଇଟରେ ପଢିଥିଲି । "ମାଧ୍ୟମ" କେନ୍ଦ୍ରରେ ପ୍ରଥମ ଦିନରୁ ହିଁ ପାରିବାରିକ ହିଂସାର ଶୀକାର ହୋଇଥିବା ମହିଳାଙ୍କ ସଂସ୍ପର୍ଶରେ ଆସିଲି । ମନରେ କେତେ ଦୁଃଖ, ଅନେକ ବର୍ଷର ଅକୁହା କଥା, ଅବ୍ୟକ୍ତ ଯନ୍ତ୍ରଣା, ଛାତିରେ ଭରିଥିବା କେତେ କୋହ, ଆମ ନିକଟରେ ଆସି ପହଞ୍ଚି ସେ ସବୁ ବଖାଣି ବସନ୍ତି । ସତେ ଯେପରି ଗୁଡାଏ ଦିନ ପରେ ନିଜର ପୁରାତନ ବାନ୍ଧବୀଟିଏ ପାଇ ଯାଇ ନିଜର କାହାଣୀ (ଆତ୍ମକାହାଣୀ) ଶୁଣାଇ ଟିକିଏ ଆତ୍ମତୃପ୍ତି ମିଳିଯାଇଛି । କେଉଁଦିନ, କେଉଁ ସମୟରେ କେଉଁ ପ୍ରକାରର କି ଭଳି ଘଟଣାଟିଏ ନେଇ ମହିଳାଟି ପହଞ୍ଚିଯିବ, ପୁର୍ବାନୁମାନ କରିବା ସମ୍ଭବ ନୁହେଁ । "ମାଧ୍ୟମ"ର କାଉନସେଲର ହିସାବରେ ଏଦିଗରେ ମୋର ପଦକ୍ଷେପ ଶ୍ରୀରାମଚନ୍ଦ୍ରଙ୍କ ସେତୁ ନିର୍ମାଣରେ ଗୁଣ୍ଡୁଚିମୂଷାର ଯୋଗଦାନ ପରି ମୋତେ ଲାଗେ । ପୁର୍ନବାର ଉକ୍ତିଟିଏ ମନେ ପଡିଯାଏ 'ବିନ୍ଦୁ-ବିନ୍ଦୁ'ରେ ହୁଅଇ ସିନ୍ଧୁ । ଏହି ପରି ନିଜର କର୍ତ୍ତବ୍ୟ ପରାୟଣତା ଆଗାମୀ ଦିନରେ ଜାରି ରଖି ମହିଳା ସଶକ୍ତୀକରଣରେ ନିଜର ଯୋଗଦାନକୁ ଅଧିକରୁ ଅଧିକ କରିବାକୁ ମୁଁ ଖୁବ ଆଶାବାଦୀ ।




Release of Maadhyam Documentary film by former Minister, Women & Child Development Department Mrs. Usha Devi in 2015

୨୦୧୪ ମସିହାରେ ମୋର ଅଭିଜ୍ଞତାକୁ ନେଇ ମତେ ୨୦ ବର୍ଷର ଅନୁଷ୍ଠାନ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭେଲପମେଣ୍ଟ୍( ଆଇ.ଏସ୍.ଡି) ସହିତ କାମ କରିବାର ସୁଯୋଗ ମିଳିଥିଲା । ମୁଁ ପରାମର୍ଶଦାତ୍ରୀ ଭାବେ କାର୍ଯ୍ୟ କରିବା ଆରମ୍ଭ କଲି ୩ ସେପ୍ଟେମ୍ବର ୨୦୧୪ରୁ କଟକ "ମାଧ୍ୟମ" ମହିଳା ସହଯୋଗ କେନ୍ଦ୍ରରେ । ଏହି କେନ୍ଦ୍ରଟି କଟକ ମହିଳା ଥାନା ପରିସରରେ ଅବସ୍ଥାପିତ । ମହିଳାଥାନାକୁ ଲାଗି ରହିଥିବା ଏହି କେନ୍ଦ୍ରକୁ ଜଣେ ମହିଳା କିମ୍ବା ପୁରୁଷ ଲୋକ ପ୍ରଥମେ ପ୍ରଥମେ ଆସିବାକୁ ଡରୁଥିଲେ । ଧିରେ ଧିରେ ଦେଖାଗଲା ଥାନାକୁ ଆସୁଥିବା ଯେ କୌଣସି ପାରିବାରିକ ସମସ୍ୟାକୁ ସେଠାକାର ଥାନାର ଭାରପ୍ରାପ୍ତ ଅଧିକାରୀ ମାଧ୍ୟମକୁ ପଠାଇ ଦେଉଛନ୍ତି ଆପୋଷ ବୁଝାମଣା ମାଧ୍ୟମରେ ସାମାଧାନ କରିବା ପାଇଁ । ଥାନା ଓ ମାଧ୍ୟମ ଭିତରେ ଥିବା ଉତ୍ତମ ବୁଝାମଣା ଯୋଗୁ ଧିରେଧିରେ ମୋତେ ମୋ କାମଟି ସହଜ ମନେ ହେଲା । ମହିଳାଟିକୁ ମାନସିକ ସ୍ତରରେ ଦୃଢ କରିବାକୁ ମୋତେ କୁହାଯାଇଥିଲା । ଏଠାରେ କାମ କରିବାର ୩ ବର୍ଷ ମଧ୍ୟରେ ମୁଁ ଅନେକ ମହିଳାମାନଙ୍କର ସଂସ୍ପର୍ଶରେ ଆସିଛି ଯେଉଁ ମାନଙ୍କ ଉପରେ ହୋଇଥିବା ହିଂସା ବିଷୟରେ ଶୁଣିଲେ ଲୋମ ଟାଙ୍କୁରି ଉଠିବ । ଅନେକ ମହିଳା ନିଜର ପାରିବାରିକ ସମସ୍ୟା ଧରି ଆସିଛନ୍ତି । ସେମାନଙ୍କର ସମସ୍ୟାଗୁଡିକୁ ଶୁଣିଲା ପରେ ସେମାନଙ୍କର ସ୍ୱାମୀ ଓ ପରିବାରଲୋକଙ୍କୁ ଡକାଇ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରାଇବା ମୋର ମୁଖ୍ୟ ଉଦ୍ଦେଶ୍ୟ । ସମାଧାନ ହୋଇସାରିଲା ପରେ, କିଛି ଦିନ ପରେ ଯେତେବେଳେ ସେମାନେ ମୋତେ ଧନ୍ୟବାଦ ଜଣାଇବାକୁ ଆସନ୍ତି ପ୍ରକୃତରେ ମୁଁ ଭାବେ, ମୁଁ କଣ କଲି ଯେ ? ମୁଁ କିଛି କରିନି ବରଂ ସେମାନଙ୍କର ପ୍ରଚେଷ୍ଟା ପୁଣିଥରେ ମିଳିମିଶି ରହିବାର ପ୍ରୟାସ, ମୋତେ ଖୁସୀ ଦିଏ । ସେମାନଙ୍କ ଆଖିର ଲୁହକୁ ପୋଛି ମୁଖରେ ହସ ଫୁଟାଇ ପାରୁଛି,ଯାହାକି ବର୍ଷ ବର୍ଷ ଧରି କୌଣସି କୋର୍ଟ କିମ୍ବା ଥାନା ଦ୍ୱାରା ସମ୍ଭବ ହୋଇ ପାରୁନଥିଲା ତାହା ମୁଁ ଆଜି କରିପାରିଛି ।



**ରୁପଶ୍ରୀ ଦୋରା**
ପରାମର୍ଶଦାତ୍ରୀ.କଟକ

କଟକ ମାଧ୍ୟମରେ ପରାମର୍ଶଦାତ୍ରୀ ଭାବେ କାମ କରିବାର ମୋର ବିଗତ ୩ ବର୍ଷର ଅଭିଜ୍ଞତା । ମୋ ଘର କୋରାପୁଟ ଜିଲ୍ଲାରେ । ଆଗରୁ ମହିଳାମାନଙ୍କ ସମସ୍ୟାର ସାମଧାନ ପାଇଁ କ୍ଲାପ ଅନୁଷ୍ଠାନ ସହିତ ଜଡିତ ରହି କାମ କରୁଥିଲି । ସେଠାରେ ଗରୀବ ମହିଳାମାନଙ୍କୁ ମାଗଣାରେ ଆଇନ ସହାୟତା ଦିଆଯାଇଥାଏ । ସେତେବେଲୁ ଏହି ଭଳି କାମ କରିବାକୁ ମୋତେ ପ୍ରେରଣା ଯୋଗାଇଥିଲା । କଟକର ଡି.ସି.ପି ଶ୍ରୀଯୁକ୍ତ ସଂଜ୍ଞୀବ ଆରୋରା ଆମକୁ ବହୁତ ସାହାଯ୍ୟ କରିଛନ୍ତି । ସେ ସବୁବେଳେ ଆମକୁ ଉତ୍ସାହିତ କରୁଥିଲେ । କୌଣସି କେସର ସମାଧାନ ନ ହୋଇ ପାରିଲେ ଆମେ ଆଗେ ତାଙ୍କୁ ଜଣାଇଥାଉ । ତାଙ୍କ ମନରେ କେବେ ନଥିଲା ଯେ, ଆମେ ଏକ ବାହାର ଅନୁଷ୍ଠାନରୁ ଆସିଛୁ । ସେ ତାଙ୍କର ପୋଲିସ ଅଫିସର ମାନଙ୍କୁ ଯେଉଁ ଭଳି ଭାବେ ପ୍ରାଥମିକତା ଦେଉଥିଲେ ଆମର କାମକୁ ମଧ୍ୟ ସେଇଭଳି ଭାବେ ଦେଖୁଥିଲେ । ତାଙ୍କର କାମ କରିବାର ଶୈଳୀ ମୋତେ ଉତ୍ସାହିତ କରିଥିଲା । ଏଠାରେ ମୋର କାମ କରିବାର ୩ ବର୍ଷ ବିତିଗଲାଣି । ଏହି ଭିତରେ ଅନେକ ମହିଳା ଅନେକ ସମସ୍ୟା ନେଇ ଆସିଛନ୍ତି । ସମସ୍ତଙ୍କ କଥାକୁ ଶୁଣିବା ହେଉଛି ଏକ କଳା । ଯେଉଁ ମାନେ ଆସନ୍ତି ସେମାନେ ଭାବନ୍ତି ତାଙ୍କ କଥା ଧୈର୍ଯ୍ୟର ସହ ଶୁଣାଗଲା ଅର୍ଥ କିଛି ପରିମାଣରେ ନ୍ୟାୟ ତାକୁ ମିଳିଗଲା । ଭାବୁଛି ଆଗକୁ ଏଇଭଳି ଭାବେ ମୋର କାମ ଜାରି ରଖିବି ।



**ସୌମ୍ୟା ସୁରଚିତା ସାହୁ**
ପରାମର୍ଶଦାତ୍ରୀ, କଟକ



Release of Maadhyam 2nd Year update by Mr. Y.B. Khurania, Comissioner of Police, Bhubaneswar-Cuttack

# ଜନସାଧାରଣ ଏବଂ ପୋଲିସ ମଧ୍ୟରେ ପ୍ରଶ୍ନୋତ୍ତର ଭିତ୍ତିକ କାର୍ଯ୍ୟକ୍ରମ "ଜନମଞ୍ଚ" ମାଧ୍ୟମର ଏକ ପ୍ରୟାସ


















ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଜନତା ବିଶେଷ କରି ମହିଳାମାନେ ଯେଉଁମାନେ କି ଘର ଭିତରେ ଏବଂ ବାହାରେ ବିଭିନ୍ନ ପ୍ରକାରର ଅତ୍ୟାଚାରର ସମ୍ମୁଖୀନ ହେଉଥାନ୍ତି, ସେମାନେ କେଉଁଠିକୁ ଆବେଦନ କରିପାରିବେ ଏବଂ ଉଚିତ ନ୍ୟାୟ ପାଇପାରିବେ ସେ ବିଷୟରେ ଅବଗତ ହୋଇଥାନ୍ତି । ଏହି କାର୍ଯ୍ୟକ୍ରମରେ ସାଧାରଣ ଜନତା ଥାନାକୁ ଯିବା ପରିବର୍ତ୍ତେ, ସ୍ଥାନୀୟ ଥାନାର ପୋଲିସ ଅଧିକାରୀ ସେମାନଙ୍କ ଅଞ୍ଚଳକୁ ଆସିଥାନ୍ତି ଏବଂ ସିଧାସଳଖ ପ୍ରଶ୍ନୋତ୍ତର ମାଧ୍ୟମରେ ସେମାନେ ନିଜର ବ୍ୟକ୍ତିଗତ, ପାରିବାରିକ ତଥା ନିଜ ଅଞ୍ଚଳର ଗୋଷ୍ଠୀଗତ ସମସ୍ୟା ବିଷୟରେ ପୋଲିସ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଗୋଚର କରିଥାନ୍ତି ।

# ମାଧ୍ୟମ ପରିଦର୍ଶନରେ ଆସିଥିବା ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ




Partners Visit of Global Alliance Against Traffic in Women ( GAATW ) , Bangkok , Thailand




Team Visit of Caritas Germany



OXFAM Hongkong team visit



Partners Oxfam India of Srijan Foundation, Hazaribag , Jharkhand




Oxfam India Partners of Chhattisgrah



Members of Jumav Manch , Ranchi , Jharkhand

# ଗଣମାଧ୍ୟମରେ ମହିଳା ସହଯୋଗ କେନ୍ଦ୍ର "ମାଧ୍ୟମ"



THE NEW INDIAN EXPRESS

Date: 04 September 2014 , Page – 02 , Bhubaneswar

## 'Maadhyam' Support for Women in Distres

Express News Service

Bhubaneswar: A support centre to aid women in crisis was launched by Director General of Police (DGP) Sanjeev Marik at the Bhubaneswar-Cuttack Com... centre which would not only provide counselling services but also offer legal support to women in distress... abuse, marital...

cityzen

Page 16 | FRIDAY, MAR 31 - APR 13, 2017

## FIGHTING FOR WOMEN'S JUSTICE, MY PRIORITY, SAYS SUBHASHREE

Social activist Subhashree Das who has been working in the field of social service for the last 25 years shares interesting details about her ... with MCL

ସମ୍ବାଦ

୧୧ ଡିସେମ୍ବର ୨୦୧୬

## ପଞ୍ଚାପୋଲରେ ପୁଲିସ-ପବ୍ଲିକ୍ ଇଣ୍ଟରଫେସ୍

କଟକ, ୧୦।୧୨(ଇମିସ): ପଞ୍ଚାପୋଲର ଏକତା କମ୍ୟୁନିଟି ସେଣ୍ଟରରେ ମାଧ୍ୟମ ଓ କମିସନରେଟ ପୁଲିସ ମିଳିତ ଉଦ୍ୟୋଗରେ ପୁଲିସ ପବ୍ଲିକ୍ ଇଣ୍ଟରଫେସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ...

## ମହିଳା ହିଂସା ଓ ପ୍ରତିକାର ଆଲୋଚନାଚକ୍ର

ପ୍ରମେୟ

THE PRAMEYA

## 'ମାଧ୍ୟମ ଉପରେ ଭରସା'

ସମାଜ

08 March 2017 , Page – 09 , Bhubaneswar

## ପୁଲିସର ମହିଳା ସୁରକ୍ଷାକୁ ଅଗ୍ରାଧିକାର

● 'ମୋ ସାଥୀ' ପଞ୍ଜୀକରଣ ସୀମିତ

● ବଢୁଛି 'ମାଧ୍ୟମ'ର ଚାହିଦା

THE TIMES OF INDIA

## Girls have a 'Maadhyam' to prevent stalking

Ten Cases Reported In A Year

In most cases, girls are afraid of reporting to the police fearing public humiliation and

## ମହିଳା ହିଂସା ପ୍ରତିକାର ଶୀର୍ଷକ ଆଲୋଚନାଚକ୍ର

## ପୁଲିସ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ 'ମହିଳା ସମ୍ବନ୍ଧୀୟ ହିଂସା ଓ ପ୍ରତିକାର' ଆଲୋଚନାଚକ୍ର

ମଞ୍ଚାସୀନ ଅତିଥି

କଟକ, ୨୩।୫(ଆ.ପ୍ର): 'ମାଧ୍ୟମ' ଆନୁକୂଲ୍ୟ ... ମାଳଗୋଦାମ ଥାନା ସହଯୋଗରେ 'ମହିଳା ସମ୍ବନ୍ଧୀୟ ...' ପୁଲିସ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ... ଯୋବ୍ରା ପୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରି... ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ... ଜଣେ ମହିଳା କହିଥିଲେ ଯେ କିଛି ବର୍ଷ ପୂର୍ବେ ... ମହିଳା ଥାନାକୁ ଯାଇଥିଲେ। ଗାଡ଼ି ପାଇଁ ...

## ସାଥୀ

### ଶୁଭଶ୍ରୀ ଦାସ
### ମାଧ୍ୟମ ମହିଳା ସହଯୋଗ କେନ୍ଦ୍ରର ନିର୍ଦ୍ଦେଶିକା

୧. ଆମେ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କର ବାହାଘର ୧୬ ବର୍ଷ ହେଲାଣି। ଆମ ଦୁଇ ପିଲା ଜଣକର ବୟସ ୧୨ ଓ ଅନ୍ୟ ଜଣକର ୮ ବର୍ଷ। ମୋର ସ୍ୱାମୀ ଜଣେ ମେରାଇନ୍ ଇଞ୍ଜିନିୟର। ଆଉ ଜଣଙ୍କ ସହ ତାଙ୍କ ପ୍ରେମସମ୍ପର୍କ ହେବା ପରେ ସେ ସେହି ମହିଳାଙ୍କ ସହ ରହୁଛନ୍ତି। ଆମକୁ ଖର୍ଚ୍ଚ ଦେଉନାହାନ୍ତି। ତାଙ୍କୁ କହିଲେ, ସେ ମୋତେ ଓ ମୋ ପିଲାଙ୍କୁ ମାରୁଛନ୍ତି। କ'ଣ କରିବି ଏଭଳି ପରିସ୍ଥିତିରେ?

ଉ: ଆପଣ ଘରୋଇ ହିଂସା ସୁରକ୍ଷା ଆଇନର ସଦବ୍ୟବହାର କରନ୍ତୁ। ଯଥା ଶୀଘ୍ର ଜିଲାରେ ଉପସ୍ଥିତ ସୁରକ୍ଷା ଅଧିକାରୀଙ୍କୁ ଦରଖାସ୍ତ ଦେଇ ଲିଖିତ ଭାବେ ସବୁ କଥା ଜଣାନ୍ତୁ। ଯଦି ମାରିଦେବା ପାଇଁ ଧମକ ଦେଉଛନ୍ତି, ତେବେ ଆପଣ ରହୁଥିବା ସ୍ଥାନରେ ପୁଲିସ ଷ୍ଟେସନକୁ ଲିଖିତ ଭାବେ ଜଣାନ୍ତୁ। ଆବଶ୍ୟକସ୍ଥଳେ ୧୦୦ ଡାଏଲ କରନ୍ତୁ। ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ୨୪ ଘଣ୍ଟିଆ ହେଲପଲାଇନ ୧୮୧କୁ ଡାଏଲ କରି ସାହାଯ୍ୟ ମାଗନ୍ତୁ।

ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା ଓ ସେହି କାରଣରୁ ଭାଙ୍ଗିଯାଉଥିବା ପରିବାରକୁ ପରାମର୍ଶ ମାଧ୍ୟମରେ ଯୋଡ଼ିବା ଉଦ୍ଦେଶ୍ୟରେ ମାଧ୍ୟମର ସୃଷ୍ଟି ହୋଇଥିଲା। ଭୁବନେଶ୍ୱର ଡିସିପି କାର୍ଯ୍ୟାଳୟ ଓ କଟକ ମହିଳା ଥାନା ପରିସରରେ କାର୍ଯ୍ୟ କରୁଥିବା ମାଧ୍ୟମ ମହିଳା ସହଯୋଗ କେନ୍ଦ୍ର ବିଗତ ଦିନ ମଧ୍ୟରେ ଅନେକ ନିର୍ଯ୍ୟାତିତ ମହିଳାଙ୍କ ଆତ୍ମବଳ ବଢ଼ାଇବାରେ ସହାୟକ ହୋଇଛି।

ବି.ଦ୍ର: ଏହି ପର୍ଯ୍ୟାୟରେ ଆମେ ମହିଳାଙ୍କ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବୁ। ପ୍ରଶ୍ନୋତ୍ତରରେ ପ୍ରଶ୍ନକର୍ତ୍ତାଙ୍କ ନାମ ଓ ପରିଚୟ ଗୋପନ ରଖାଯିବ।

ସାଥୀକୁ ଯୋଗାଯୋଗ କରିବା ନିମନ୍ତେ ଏହି ମେଲ ଆଇଡିରେ ନିଜ ମତାମତ ପ୍ରେରଣ କରନ୍ତୁ। saathi.samaja@gmail.com

***For more information conact:-***


**Maadhyam**

Bhubaneswar
Office of the Deputy Commissioner of Police
Vani Vihar Square
Ph:0674-6002131
E-mail:maadhyambbsr@isdbbsr.org

Cuttack
Mahila Police Station, Buxibazar
Ph: 0671-6532131
E-mail:maadhyamctc@isdbbsr.org

ISD
*Institute for Social Development*

Plot No.-95, Phase-II, Kanan Vihar
P.O.- Patia, Bhubaneswar-751031, Odisha, India
Ph: +91-674-6451141, Fax: +91-674-2726756
E-mail: isd_bbsr@rediffmail.com, to@isdbbsr.org
Web: www.isdbbsr.org